କାନ୍ୟା କୁମାରୀ ଜିଲ୍ଲା ସିଧ ଏବଂ ଆୟୁର୍ବେଦ ବୈଦ୍ୟର୍ ସଙ୍ଗମ ଏବଂ ଅନ୍ୟଜଣେ

ବନାମ

ତାମିଲ ନାଡୁ ସରକାର ଏବଂ ଅନ୍ୟମାନେ

ମାର୍ଚ୍ଚ 13, 1996

[ଜେ. ଏସ. ବର୍ମା, ଏନ. ପି. ସିଂହ ଏବଂ ବି. ଏନ. କିରପାଲ, ନ୍ୟାୟମୂର୍ତ୍ତିମାନେ]

*ତାମିଲନାଡୁ ନିଷେଧ ଅଧିନିୟମ, 1937: ଧାରା 3 (9), 16, 54 (2) (m)*

*ତାମିଲନାଡୁ ମଦ୍ୟଯୁକ୍ତ ପ୍ରସ୍ତୁତି (ନିୟନ୍ତ୍ରଣ) ନିୟମାବଳୀ, 1984: ନିୟମାବଳୀ 3 (b) (j) (k) ଏବଂ 11*

*ସ୍ୱଦେଶୀ ଚିକିତ୍ସା ପଦ୍ଧତି- ଔଷଧୀୟ ପ୍ରସ୍ତୁତି ଯେଉଁଥିରେ ମଦ୍ୟଅଂଶ ଥାଏ, ତାହା ସ୍ୱୟଂ ପ୍ରସ୍ତୁତ ହୋଇଥାଉ ବା ଅନ୍ୟ କୌଣସି ଉପାୟରେ, କିମ୍ବା କୌଣସି ନିଶାଯୁକ୍ତ ଔଷଧ- ବିକ୍ରୟ- ' ମଦ୍ୟଯୁକ୍ତ ପ୍ରସ୍ତୁତି' ଏବଂ 'ନିୟନ୍ତ୍ରିତ ପ୍ରସ୍ତୁତି'- ବିକ୍ରୟ- ଅନୁଜ୍ଞାପତ୍ରର ଆବଶ୍ୟକତା- ବୈଧ ବୋଲି ନିର୍ଣ୍ଣୟ ହୋଇଛି- ନିୟମର ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି ।*

**ଆବେଦନକାରୀମାନେ ଆୟୁର୍ବେଦିକ ଏବଂ ୟୁନାନୀ ଔଷଧର ଉତ୍ପାଦନ ଏବଂ କାରବାର କରନ୍ତି । ସେମାନେ ତାମିଲନାଡୁ ମଦ୍ୟଯୁକ୍ତ ପ୍ରସ୍ତୁତି (ନିୟନ୍ତ୍ରଣ) ନିୟମାବଳୀ, 1984 ର ବୈଧତା ଉପରେ ପ୍ରଶ୍ନ ଉଠାଇ ଯୁକ୍ତି ଦର୍ଶାଇଥିଲେ ଯେ, ଚିକିତ୍ସକଙ୍କ ଦ୍ୱାରା କିମ୍ବା ଔଷଧୀୟ ଏବଂ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି (ଅବକାରୀ ଶୁଳ୍କ) ନିୟମାବଳୀ, 1956 ଅଧୀନରେ ଅନୁଜ୍ଞାପତ୍ର ପ୍ରାପ୍ତ ବ୍ୟକ୍ତି କିମ୍ବା ଔଷଧ ଓ ପ୍ରସାଧନ ସାମଗ୍ରୀ ଅଧିନିୟମ 1940 ଅଧୀନରେ ଅନୁଜ୍ଞାପତ୍ରଧାରୀଙ୍କ ଦ୍ୱାରା ଦେଶୀୟ ଚିକିତ୍ସା ପଦ୍ଧତିର ଔଷଧ ବିକ୍ରୟ ପାଇଁ ଅନୁଜ୍ଞାପତ୍ର ଆବଶ୍ୟକ କରୁଥିବା ନିୟମଗୁଡ଼ିକ, ଦେଶୀୟ ଚିକିତ୍ସା ପଦ୍ଧତିର ଔଷଧ କାରବାର କରୁଥିବା ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ଅଧିକାର ଉପରେ ଅଯୌକ୍ତିକ ପ୍ରତିବନ୍ଧକ ସଦୃଶ ଅଟେ । ଉଚ୍ଚ ନ୍ୟାୟାଳୟ ଏହି ନିୟମର ବୈଧତାକୁ କାଏମ ରଖିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟ ବିରୁଦ୍ଧରେ ଏହି ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ 1. ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶରେ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ । ତାମିଲନାଡୁ ମଦ୍ୟଯୁକ୍ତ ପ୍ରସ୍ତୁତି (ନିୟନ୍ତ୍ରଣ) ନିୟମାବଳୀ, 1984 ର ନିୟମ 3 (b) (j) (k) ଏବଂ 11 ସହିତ ପାଠକରାଯାଉଥିବା ତାମିଲନାଡୁ ନିଷେଧ ଅଧିନିୟମ,1937 ର ଧାରା 3 (9) ଏବଂ 54 (2) (m) ରେ ଥିବା ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ, ଯଦି କୌଣସି ପାଇକାରୀ କିମ୍ବା ଖୁଚୁରା ବ୍ୟବସାୟୀ କୌଣସି ପ୍ରସ୍ତୁତ ହୋଇଥିବା ସାମଗ୍ରୀକୁ ବିକ୍ରୟ କରିବାକୁ ଚାହାଁନ୍ତି ଯେଉଁଥିରେ ମଦ୍ୟଅଂଶ ଥାଏ ଯାହା ସ୍ୱୟଂ ଉତ୍ପାଦିତ ହୋଇଥାଉ କିମ୍ବା ଅନ୍ୟଥା କିମ୍ବା କୌଣସି ନିଶାଯୁକ୍ତ ଔଷଧ ମିଶିଥାଉ, ତେବେ ତାଙ୍କୁ ନିୟମାବଳୀର, ନିୟମ 11 ଅନୁଯାୟୀ ଆବଶ୍ୟକ ଅନୁଜ୍ଞାପତ୍ର ହାସଲ କରିବାକୁ ପଡିବ । ଏହି ନିୟମାବଳୀର ଉଦ୍ଦେଶ୍ୟ ହେଉଛି ହୋମିଓପାଥିକ୍ କିମ୍ବା ସ୍ୱଦେଶୀ ଚିକିତ୍ସା ପଦ୍ଧତି**

**ମାଧ୍ୟମରେ ମଦ୍ୟଅଂଶ ପ୍ରସ୍ତୁତି ଏବଂ ସୀମିତ ପ୍ରସ୍ତୁତିର ବିକ୍ରୟକୁ ନିୟନ୍ତ୍ରଣ କରିବା । ଏହି ନିୟମାବଳୀ ଦ୍ୱାରା ଲାଗୁ କରାଯାଇଥିବା କଟକଣା ଏହି ଅଧିନିୟମ ବ୍ୟବସ୍ଥାଗୁଡ଼ିକ ସହିତ ସୁସଙ୍ଗତ ଏବଂ ଏଭଳି ନିୟମାବଳୀ ପ୍ରସ୍ତୁତ କରିବାର ଅଧିକାର ରାଜ୍ୟ ସରକାରଙ୍କ ପାଖରେ ଥିଲା । ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ମଦ୍ୟଅଂଶ ଏବଂ/କିମ୍ବା ନିଶାଯୁକ୍ତ ଔଷଧ ଥିବା ଔଷଧୀୟ କିମ୍ବା ପ୍ରସାଧନ ପ୍ରସ୍ତୁତିର ବିକ୍ରୟକୁ ନିୟନ୍ତ୍ରଣ କରିବା, ଯାହା ଅଧିନିୟମର ଯୋଜନା ଏବଂ ବ୍ୟବସ୍ଥା ସହିତ ସୁସଂଗତ, ଅର୍ଥାତ ତାମିଲନାଡୁ ରାଜ୍ୟରେ ନିଶାଯୁକ୍ତ ମଦ ଏବଂ ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବ୍ୟବହାରକୁ ନିଷେଧ କରିବା ।**

**2. ଆବେଦନକାରୀମାନେ ସ୍ୱଦେଶୀ ଚିକିତ୍ସା ପଦ୍ଧତିର ଅନେକ ଉତ୍ପାଦନର କାରବାର କରୁଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ସବୁଥିରେ ମଦ୍ୟଅଂଶ ନାହିଁ, ଏହାର କୌଣସି ଗୁରୁତ୍ୱ କିମ୍ବା ପରିଣାମ ନାହିଁ । ଥରେ ଯଦି ଜଣାପଡ଼େ ଯେ ସେମାନେ ସ୍ୱଦେଶୀ ଚିକିତ୍ସା ପଦ୍ଧତି ମାଧ୍ୟମରେ କୌଣସି ଔଷଧୀୟ ପ୍ରସ୍ତୁତିର ବ୍ୟବସାୟ କରୁଛନ୍ତି କିମ୍ବା ବିକ୍ରି କରୁଛନ୍ତି, ଯାହାକୁ କି କଟକଣାଯୁକ୍ତ ପ୍ରସ୍ତୁତି କିମ୍ବା ମଦ୍ୟଅଂଶ ପ୍ରସ୍ତୁତି ବୋଲି ଧରାଯାଇପାରିବ, ତେବେ ଏହି ନିୟମାବଳୀର ପ୍ରାବଧାନଗୁଡ଼ିକ ଲାଗୁ ହେବ ଏବଂ ଆବେଦନକାରୀ କେବଳ ସେହି ସାମଗ୍ରୀ ପାଇଁ ପ୍ରଦାନ କରାଯାଇଥିବା ଅନୁଜ୍ଞାପତ୍ର ଆଧାରରେ ହିଁ ବ୍ୟବସାୟ କରିପାରିବେ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 30-31/1993

17.4.89 ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ. ଏ. ସଂଖ୍ୟା 1508 ଏବଂ ଡବ୍ଲ୍ୟୁ. ପି. ସଂଖ୍ୟା 1445/1988 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏମ୍. କଲ୍ୟାଣ ସୁନ୍ଦରମ୍ ଏବଂ ଏସ୍. ଆର୍. ସେଟିଆ ଆବେଦନକାରୀଙ୍କ ପାଇଁ ।

ଏ. ଏସ୍. ନାମ୍ବିଆର, ସୁଶ୍ରୀ ଏ. ସୁଭାଶିନୀ ଅର୍ପୁଥାମ ପାଇଁ, ଅରୁଣା ଆଣ୍ଡ କୋ. ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ଏନ୍. ପି. ସିଂହଙ୍କ** ଦ୍ୱାରା । ଆୟୁର୍ବେଦିକ ଏବଂ ୟୁନାନି ଔଷଧର ଉତ୍ପାଦନ ଏବଂ କାରବାର କରୁଥିବା ଆବେଦନକାରୀମାନେ, ତାମିଲନାଡୁ ନିଷେଧ ଅଧିନିୟମ, 1937 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ର ଧାରା 54 ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗରେ ପ୍ରସ୍ତୁତ ହୋଇଥିବା ତାମିଲନାଡୁ ମଦ୍ୟଅଂଶ ପ୍ରସ୍ତୁତି (ନିୟନ୍ତ୍ରଣ) ନିୟମାବଳୀ, 1984 (ଏହା ପରେ 'ନିୟମାବଳୀ' ଭାବରେ ସୂଚିତ) ର ବୈଧତା ଉପରେ ଉଚ୍ଚ ନ୍ୟାୟାଳୟରେ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ଉଚ୍ଚ ନ୍ୟାୟାଳୟ ଉକ୍ତ ନିୟମାବଳୀର ବୈଧତାକୁ ବଜାୟ ରଖିଛନ୍ତି ।ଯେଉଁ ଆଦେଶ ବଳରେ ପୂର୍ବୋକ୍ତ ନିୟମାବଳୀକୁ ବିଜ୍ଞପ୍ତି କରାଯାଇଥିଲା, ତାହା ଏହି ନିୟମ ପ୍ରଣୟନର ଉଦ୍ଦେଶ୍ୟକୁ ଦର୍ଶାଉଛି, ଏଥିରେ କୁହାଯାଇଛି ଯେ, ତା 1.11.1958 ରିଖରେ ଜି.ଓ. ଏମ୍.ଏସ୍. ସଂଖ୍ୟା 3031, ଗୃହ ବିଭାଗ, ଦ୍ୱାରା ସରକାର ପୂର୍ବୋକ୍ତ ଅଧିନିୟମର ଧାରା 16 ଅନୁଯାୟୀ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ମଦ୍ୟଅଂଶ ଏବଂ/କିମ୍ବା ନିଶାଦ୍ରବ୍ୟଯୁକ୍ତ ଔଷଧୀୟ ଓ ପ୍ରସାଧନ ସାମଗ୍ରୀଗୁଡ଼ିକୁ କେତେକ ସର୍ତ୍ତ ସାପେକ୍ଷରେ ଉକ୍ତ ଅଧିନିୟମର ସମସ୍ତ ପ୍ରାବଧାନରୁ ମୁକ୍ତ କରିଥିଲେ । କିନ୍ତୁ ମଦ୍ୟଅଂଶ ଯୁକ୍ତ ଔଷଧର ଉତ୍ପାଦନ ଏବଂ ବିକ୍ରୟକୁ ପ୍ରଭାବଶାଳୀ

ଭାବରେ ଯାଞ୍ଚ କରିବା ପାଇଁ ସର୍ତ୍ତଗୁଡିକ ପର୍ଯ୍ୟାପ୍ତ ନୁହେଁ ବୋଲି ଜଣାପଡିଛି ଏବଂ ସେହି କାରଣରୁ ଏକ ପୃଥକ ନିୟମାବଳୀ ପ୍ରସ୍ତୁତ କରିବାକୁ ନିର୍ଣ୍ଣୟ ନିଆଯାଇଥିଲା । ନିୟମ 3 (b) ଅନୁଯାୟୀ, ମଦ୍ୟସାର କହିଲେ ଯେକୌଣସି ଶକ୍ତି ଏବଂ ବିଶୁଦ୍ଧତାର ଇଥାଇଲ୍ ମଦ୍ୟସାରକୁ ବୁଝାଏ, ଯାହାର ରାସାୟନିକ ସଂରଚନା C2 H5 OH ଅଟେ । ନିୟମ 3 (j) "ନିୟନ୍ତ୍ରିତ ପ୍ରସ୍ତୁତି" କୁ ବ୍ୟାଖ୍ୟା କରେ":

> "ମଦ୍ୟଅଂଶ ପ୍ରସ୍ତୁତି ଯାହା ଆଭ୍ୟନ୍ତରୀଣ ସେବନ ପାଇଁ ଉଦ୍ଦିଷ୍ଟ ହୋଇଥାଏ ଏବଂ 18% ରୁ ଅଧିକ ମଦ୍ୟଅଂଶ ଏବଂ ନିଶାଦ୍ରବ୍ୟ ମିଶ୍ରିତ ଔଷଧୀୟ ପ୍ରସ୍ତୁତି ପାଇଁ ବ୍ୟବହୃତ ହୋଇଥାଏ ।
>
> ଉଲ୍ଲେଖଥାଉକି, ଔଷଧୀୟ ଏବଂ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି (ଅବକାରୀ ଶୁଳ୍କ) ନିୟମାବଳୀ, 1956 ଅନୁଯାୟୀ ସ୍ୱୟଂ-ଉତ୍ପାଦିତ ମଦ୍ୟଅଂଶ ଥିବା ଏବଂ "ନିୟନ୍ତ୍ରିତ ପ୍ରସ୍ତୁତି" ଭାବେ ବର୍ଗୀକୃତ ସମସ୍ତ ଆୟୁର୍ବେଦିକ ପ୍ରସ୍ତୁତିକୁ ଏହି ନିୟମାବଳୀର ଉଦ୍ଦେଶ୍ୟ ପାଇଁ ନିୟନ୍ତ୍ରିତ ପ୍ରସ୍ତୁତି ଭାବେ ବିବେଚନା କରାଯିବ ।

ସେହିପରି ନିୟମ 3 (k) " ମଦ୍ୟଅଂଶ ପ୍ରସ୍ତୁତି" ଭାବେ ବ୍ୟାଖ୍ୟା କରେ":

> " ମଦ୍ୟଅଂଶ ପ୍ରସ୍ତୁତି" ର ଅର୍ଥ ହେଉଛି -
>
> (i) ମଦ୍ୟଅଂଶ ଥିବା କୌଣସି ଡାକ୍ତରୀ କିମ୍ବା ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି, ତାହା ସ୍ୱୟଂ-ଉତ୍ପାଦିତ ହେଉ କିମ୍ବା ଅନ୍ୟଥା, କିମ୍ବା କୌଣସି ନିଶାଯୁକ୍ତ ଔଷଧ; କିମ୍ବା
>
> ମଦ୍ୟଅଂଶ କିମ୍ବା ନିଶାଯୁକ୍ତ ଔଷଧ ଧାରଣ କରୁଥିବା ଅନ୍ୟ କୌଣସି ପଦାର୍ଥ, ତାହା ସ୍ୱୟଂ-ଉତ୍ପାଦିତ ହେଉ କିମ୍ବା ଅନ୍ୟଥା, ଯାହାକୁ ନିୟମ 5 ଅନୁଯାୟୀ ଏକ ମଦ୍ୟଅଂଶ ପ୍ରସ୍ତୁତି ବୋଲି ସୂଚିତ କରାଯିବ;

.............................................................”

ନିୟମ 11 ଅନୁଯାୟୀ, ଯେକୌଣସି ହୋମିଓପାଥିକ ଔଷଧୀୟ ପ୍ରସ୍ତୁତି କିମ୍ବା "ସ୍ୱଦେଶୀ ଚିକିତ୍ସା ପଦ୍ଧତି ଅଧୀନରେ ଆସୁଥିବା ଯେକୌଣସି ଔଷଧକୁ ଜଣେ ପଞ୍ଜୀକୃତ ଚିକିତ୍ସକଙ୍କୁ କିମ୍ବା ଔଷଧୀୟ ଏବଂ ପ୍ରସାଧନ ସାମଗ୍ରୀ (ଅବକାରୀ ଶୁଳ୍କ) ନିୟମ, 1956 ଅନ୍ତର୍ଗତ ଫର୍ମ L1 ଏବଂ L2 ରେ ଅନୁଜ୍ଞାପତ୍ର ପ୍ରାପ୍ତ ବ୍ୟକ୍ତିଙ୍କୁ କିମ୍ବା ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ 1940 (1940 ର କେନ୍ଦ୍ରୀୟ ଅଧିନିୟମ XXIII) ଅଧୀନରେ ଅନୁଜ୍ଞାପତ୍ରଧାରୀଙ୍କୁ ବିକ୍ରୟ କରିବା ପାଇଁ ଏଥିରେ ନିର୍ଦ୍ଧାରିତ ବିଭିନ୍ନ ଫର୍ମରେ ପାଇକାରୀ ଏବଂ ଖୁଚୁରା ବିକ୍ରୟ ଅନୁଜ୍ଞାପତ୍ର ପ୍ରଦାନ କରିବାର ବ୍ୟବସ୍ଥା ରହିଛି ।

ଆବେଦନକାରୀମାନଙ୍କ ଅନୁସାରେ, ଚିକିତ୍ସକଙ୍କ ଦ୍ୱାରା କିମ୍ବା 'ଔଷଧୀୟ ଏବଂ ପ୍ରସାଧନ ସାମଗ୍ରୀ (ଅବକାରୀ ଶୁଳ୍କ) ନିୟମାବଳୀ, 1956 ଅଧୀନରେ ଅନୁଜ୍ଞାପତ୍ର ପ୍ରାପ୍ତ ବ୍ୟକ୍ତି କିମ୍ବା ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ 1940 ଅଧୀନରେ ଅନୁଜ୍ଞାପତ୍ରଧାରୀଙ୍କ ଦ୍ୱାରା ଦେଶୀ ଚିକିତ୍ସା ପଦ୍ଧତିର ଔଷଧ ବିକ୍ରୟ ପାଇଁ ଅନୁଜ୍ଞାପତ୍ର ଆବଶ୍ୟକ କରୁଥିବା ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ, ଏଭଳି ଦେଶୀ ଚିକିତ୍ସା ପଦ୍ଧତିର ଔଷଧ କାରବାର କରୁଥିବା ପାଇକାରୀ ଏବଂ ଖୁଚୁରା ବ୍ୟବସାୟୀଙ୍କ ଅଧିକାର ଉପରେ ଅଯୌକ୍ତିକ ପ୍ରତିବନ୍ଧକ ସଦୃଶ ଅଟେ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦେଶୀୟ ଚିକିତ୍ସା ପଦ୍ଧତିର ଔଷଧ କାରବାର କରିବା ପୂର୍ବରୁ ପାଇକାରୀ ବ୍ୟବସାୟୀ ଏବଂ ଖୁଚୁରା ବ୍ୟବସାୟୀମାନଙ୍କ ପାଇଁ ଅନୁଜ୍ଞାପତ୍ର ନେବା ବାଧ୍ୟତାମୂଳକ କରିବା ସମ୍ବନ୍ଧୀୟ ନିୟମ ପ୍ରଣୟନ କରିବାର କ୍ଷମତା, ସେହି ଅଧିନିୟମର ପ୍ରାବଧାନରୁ ହିଁ ଆସିବା ଉଚିତ ଯାହା ଅଧୀନରେ ଏହି ନିୟମଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଅଧିନିୟମ 3 (9) "ମଦ" ର ବ୍ୟାଖ୍ୟା କରେ":

"ମଦ" ମଧ୍ୟରେ ତାଡ଼ି, ଦେଶୀ ମଦ, ମଦ୍ୟଅଂଶ ବା ମଦ, (ଅପ୍ରାକୃତିକ ମଦ୍ୟଅଂଶ), ମଦ୍ୟଅଂଶ, ମଦ, ବିଅର୍ ଏବଂ ମଦ୍ୟଅଂଶ ଥିବା କିମ୍ବା ମଦ୍ୟଅଂଶରେ ପ୍ରସ୍ତୁତ ସମସ୍ତ ତରଳ ପଦାର୍ଥ ଅନ୍ତର୍ଭୁକ୍ତ ।

ଧାରା 54 ରାଜ୍ୟ ସରକାରଙ୍କୁ ଉକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନିୟମ ପ୍ରସ୍ତୁତ କରିବାର କ୍ଷମତା ପ୍ରଦାନ କରେ । ଧାରା 54 ର ଉପଧାରା (2) ର ଖଣ୍ଡ (m) ରେ କୁହାଯାଇଛି:

"ଖଣ୍ଡ (m)- ଔଷଧୀୟ କିମ୍ବା ପ୍ରସାଧନ ସାମଗ୍ରୀ ଉଦ୍ଦେଶ୍ୟରେ ବ୍ୟବହାରକୁ ରୋକିବା ପାଇଁ ଏବଂ ଏହି ଅଧିନିୟମର ସମସ୍ତ କିମ୍ବା ଯେକୌଣସି ବ୍ୟବହାର ନିୟମରୁ ମୁକ୍ତ କରାଯାଇଥିବା କୌଣସି ମଦ୍ୟ କିମ୍ବା ନିଶାଦ୍ରବ୍ୟର ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ।"

ଏକ ସାଧାରଣ ପଠନରେ, ଧାରା 54 (2) (m) ରାଜ୍ୟ ସରକାରଙ୍କୁ ଔଷଧ କିମ୍ବା ଶୌଚାଳୟ ଉଦ୍ଦେଶ୍ୟରେ କୌଣସି ମଦ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ନିୟମ ପ୍ରସ୍ତୁତ କରିବାକୁ ସକ୍ଷମ କରେ । ଧାରା 54 (2) (m) ସତ୍ତ୍ୱେ ରାଜ୍ୟ ସରକାର ମଦର ବ୍ୟବହାରକୁ ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି କିପରି କୁହାଯାଇପାରିବ, ତାହା ଆମେ ବୁଝିପାରୁନାହୁଁ; ଯେଉଁଠି ପୂର୍ବୋକ୍ତ ଧାରା 3 (9) ଅଧୀନରେ ମଦର ସଂଜ୍ଞା ଅନୁଯାୟୀ ଏଥିରେ ମଦ୍ୟଅଂଶ ମଧ୍ୟ ସାମିଲ ଅଛି । ଯେପରି ଉପୋରୋକ୍ତରେ ଉଲ୍ଲେଖ କରାଯାଇଛି, ନିୟମ 3 (k) ' ମଦ୍ୟଅଂଶଯୁକ୍ତ ପ୍ରସ୍ତୁତି' କୁ ବ୍ୟାଖ୍ୟା କରେ ଯାହାର ଅର୍ଥ ହେଉଛି କୌଣସି ଔଷଧୀୟ କିମ୍ବା ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି ଯେଉଁଥିରେ ମଦ୍ୟଅଂଶ ଥାଏ ତାହା ସ୍ୱୟଂ ଉତ୍ପାଦିତ ହେଉ କିମ୍ବା ଅନ୍ୟଥା କିମ୍ବା କୌଣସି ନିଶାଯୁକ୍ତ ଔଷଧ ହୋଇଥାଉ । ମଦ୍ୟ ଅଭିବ୍ୟକ୍ତିଟି ନିୟମ 3 (b) ରେ ପୂର୍ବରୁ ବ୍ୟାଖ୍ୟା କରାଯାଇଛି । ଏହି ପୃଷ୍ଠଭୂମିରେ, ଯଦି କୌଣସି ପାଇକାରୀ କିମ୍ବା ଖୁଚୁରା ବ୍ୟବସାୟୀ କୌଣସି ପ୍ରସ୍ତୁତି ବିକ୍ରୟ କରିବାକୁ ଚାହାଁନ୍ତି ଯେଉଁଥିରେ ମଦ୍ୟସାର ଥାଏ, ତାହା ସ୍ୱୟଂ ଉତ୍ପାଦିତ ହେଉ କିମ୍ବା ଅନ୍ୟ କୌଣସି ନିଶାଯୁକ୍ତ ଔଷଧ, ତେବେ ତାଙ୍କୁ ନିୟମାବଳୀର ନିୟମ 11 ଅନୁଯାୟୀ ଆବଶ୍ୟକ ଅନୁଜ୍ଞାପତ୍ର ହାସଲ କରିବାକୁ ପଡିବ । ନିୟମାବଳୀ ପଢ଼ିବା ଦ୍ୱାରା, ଏହା ସ୍ପଷ୍ଟ ଏବଂ ପ୍ରତୀୟମାନ ହେଉଛି ଯେ, ସେମାନେ ହୋମିଓପାଥିକ୍ କିମ୍ବା ସ୍ୱଦେଶୀ ଚିକିତ୍ସା ପଦ୍ଧତି ମାଧ୍ୟମରେ ମଦ୍ୟଅଂଶଯୁକ୍ତ ପ୍ରସ୍ତୁତି ଏବଂ ନିୟନ୍ତ୍ରିତ ପ୍ରସ୍ତୁତିର ବିକ୍ରୟକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି । ଏହି ନିୟମ ଦ୍ୱାରା ଲାଗୁ କରାଯାଇଥିବା କଟକଣା ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସହିତ ସୁସଂଗତ ଏବଂ ଧାରା 54 (2) (m) ଅନୁଯାୟୀ ଏପରି ନିୟମାବଳୀ ପ୍ରସ୍ତୁତ କରିବାର ଅଧିକାର ରାଜ୍ୟ ସରକାରଙ୍କ ପାଖରେ ଥିଲା ।

ଆବେଦନକାରୀଙ୍କ ତରଫରୁ, ଏହା ଦର୍ଶାଯାଇଥିଲା ଯେ ସେମାନେ ସ୍ୱଦେଶୀ ଚିକିତ୍ସା ପଦ୍ଧତିର ଅନେକ ଉତ୍ପାଦନର କାରବାର କରୁଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ ସବୁଥିରେ ମଦ୍ୟସାର ନାହିଁ ।ଅନ୍ୟ ଅର୍ଥରେ କହିଲେ, ଅଧିକାଂଶ ଔଷଧୀୟ ପ୍ରସ୍ତୁତି ମଦ୍ୟସାରଯୁକ୍ତ ପ୍ରସ୍ତୁତି ନୁହେଁ କିମ୍ବା କୌଣସି ମଦ୍ୟଅଂଶ ଥିବା ନିୟନ୍ତ୍ରିତ ପ୍ରସ୍ତୁତି ନୁହେଁ ।

ଆମ ମତରେ, ଏହାର କୌଣସି ଗୁରୁତ୍ୱ କିମ୍ବା ପରିଣାମ ନାହିଁ । ଥରେ ଯଦି ଜଣାପଡ଼େ ଯେ ସେମାନେ ସ୍ୱଦେଶୀ ଚିକିତ୍ସା ପଦ୍ଧତି ମାଧ୍ୟମରେ କୌଣସି ଔଷଧୀୟ ପ୍ରସ୍ତୁତିର ବ୍ୟବସାୟ କରୁଛନ୍ତି କିମ୍ବା ବିକ୍ରି କରୁଛନ୍ତି, ଯାହାକୁ କି କଟକଣାଯୁକ୍ତ ପ୍ରସ୍ତୁତି କିମ୍ବା ମଦ୍ୟଅଂଶଯୁକ୍ତ ପ୍ରସ୍ତୁତି ବୋଲି ଧରାଯାଇପାରିବ, ତେବେ ଏହି ନିୟମାବଳୀର ପ୍ରାବଧାନଗୁଡ଼ିକ ଲାଗୁ ହେବ ଏବଂ ଆବେଦନକାରୀ କେବଳ ସେହି ସାମଗ୍ରୀ ପାଇଁ ପ୍ରଦାନ କରାଯାଇଥିବା ଅନୁଜ୍ଞାପତ୍ର ଆଧାରରେ ହିଁ ବ୍ୟବସାୟ କରିପାରିବେ । ଉପରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିବା ଅଧିସୂଚନା, ଯାହା ମାଧ୍ୟମରେ ଏହି ନିୟମଗୁଡ଼ିକ ପ୍ରଣୟନ କରାଯାଇଥିଲା, ତାହା ସେହି ନିୟମ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ଏବଂ କାରଣକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ମଦ୍ୟଅଂଶ ଏବଂ/କିମ୍ବା ନିଶାଯୁକ୍ତ ଔଷଧ ଥିବା ଔଷଧୀୟ କିମ୍ବା ପ୍ରସାଧନ ସାମଗ୍ରୀ ପ୍ରସ୍ତୁତିର ବିକ୍ରୟକୁ ନିୟନ୍ତ୍ରଣ କରିବା, ଯାହା ତାମିଲନାଡୁ ରାଜ୍ୟରେ ନିଶାଯୁକ୍ତ ମଦ ଏବଂ ଔଷଧର ଉତ୍ପାଦନ, ବିକ୍ରୟ ଏବଂ ବ୍ୟବହାର, ନିଷେଧ ଅଧିନିୟମର ଯୋଜନା ଏବଂ ବ୍ୟବସ୍ଥା ସହିତ ସୁସଂଗତ ଅଟେ । ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶରେ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ । ତଦନୁସାରେ ଆବେଦନକୁ ଖାରଜ କରାଗଲା । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଟି. ଏନ୍. ଏ. — ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।